# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ଏଲିଶାୟ, ଚ଼ମତ୍କାରୀ ପୁରୁଷ


ଲେଖକ: Edward Hughes
ଦୃଷ୍ଟାନ୍ତ: Lazarus
ଅନୁବାଦକ: Prasanta Bhuyan
ଉପଯୋଜକ: Ruth Klassen


କାହାଣି ୬୦ ରୁ ୭୫


**www.M1914.org**

***Bible for Children,*** *PO Box 3, Winnipeg, MB R3C 2G1 Canada*



ଅନୁମତି ସୂତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,
ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।


ଓଡ଼ିଆ

Oriya

ଲଙ୍ଗଳ ଟାଣିବାକୁ ସେଠାରେ ଯଥେଷ୍ଟ ବଳଦ ନ ଥିଲା କାରଣ ଆଉ ଏକ ବଳଦର ଆବଶ୍ୟକ ଥିଲା । ତାହା ସେହି ଯୁବ କୃଷକ ଏଲିଶାୟଙ୍କୁ କୃଷି କାର୍ଯ୍ୟରେ ଆଟକାଇ ପାରିଲା ନାହିଁ ।



1

ମାତ୍ର ଏଲିଶାୟ ଆପେ ବଳଦ ସହିତ ମିଶି ହଳ ବୁଲାଉଥିଲେ, କମିଥିବା ବଳଦର ସ୍ଥାନରେ ସେ ନିଜେ ଥିଲେ । ସେ ନିଶ୍ଚିତରେ ବଳିଷ୍ଠ, ଚ଼ତୁର ଓ କଠିନ ପରିଶ୍ରମି ଲୋକ ଥିଲେ ।



2



ସେ ହଳ ବୁଲାଉଥିବା ସମୟରେ, ପ୍ରଭୁଙ୍କର ଭବିଷ୍ୟଦବକ୍ତା ଏଲୀୟ ଏଲିଶାୟଙ୍କୁ ଆହ୍ୱାନ କଲେ । ସେହି ଯୁବକ ତାଙ୍କ କର୍ମ ଛାଡ଼ି ସଦାପ୍ରଭୁଙ୍କ ସେବା କରିବାକୁ ଗଲେ । ଦିନେ ସଦାପ୍ରଭୁ ଏଲିୟଙ୍କୁ ଘୁର୍ନିବାୟୁରେ ସ୍ୱର୍ଗାରୋହଣ କରାଇଲେ । ବର୍ତ୍ତମାନ୍ ଏଲିଶାୟ ଇସ୍ରାୟେଲ ନିମନ୍ତେ ପ୍ରଭୁଙ୍କର ଭବିଷ୍ୟଦବକ୍ତା ହେଲେ ।

3



ଯଦିବା ଏଲିୟଙ୍କ ପ୍ରସ୍ଥାନ ହେତୁ ଏଲିଶାୟ ଦୁଃଖିତ ଥିଲେ, ସେ ଏଲିୟଙ୍କ ସମ ଶକ୍ତି ପ୍ରାପ୍ତ ହେବା ନିମନ୍ତେ ସଦାପ୍ରଭୁଙ୍କୁ ପ୍ରାର୍ଥନା କଲେ । ଏଲିଶାୟ ଏଲିୟଙ୍କ ବସ୍ତ୍ର ହାତରେ ନେଲେ,

ଏବଂ ଏଲିୟଙ୍କ ପରି ଜଳକୁ ଆଘାତ କଲେ ।

4



ସେହି ନଦୀର ଜଳ ବିଭାଜିତ ହେଲା, ବର୍ତ୍ତମାନ ସେ ଜାଣିଲେ ସଦାପ୍ରଭୁ ତାଙ୍କ ସହିତ ଅଟନ୍ତି ।

5



ଯେତେବଳେ ଏଲିଶାୟ ବୈଥେଲ୍ ନଗରକୁ ଯାଉଥିଲେ, କେତେକ କ୍ଷୁଦ୍ର ଯୁବକ ତାହାଙ୍କୁ ପରିହାସ କରି କହିଲେ, ଆରେ ଟାଙ୍ଗରାମୁଣ୍ଡି, ଉପରକୁ ଯା । ସେମାନେ ତାଙ୍କ ଖାତିରି କଲେ ନାହିଁ ଯଦିବା ସେ ଜଣେ ଭବିଷ୍ୟଦବକ୍ତା ଥିଲେ । ସେମାନଙ୍କ ପାଇଁ ଏକ ଆଘାତଜନକ ବିଷୟ ସୃଷ୍ଟି ହେଲା । ବନରୁ ଦୁଇ ଭଲ୍ଲୁକୀ ବାହାରିଆସି ସେମାନଙ୍କୁ ବୟାଳିଶ ଜଣ ଯୁବକମାନଙ୍କୁ ବିଦୀର୍ଣ୍ଣ କଲେ ।

6



ଦିନେ ଏଲିଶାୟ ଏକ ବିଧବାର ଦେଖା ପାଇଲେ ଯେ ମହାଜନଙ୍କଠାରୁ ଟଙ୍କା ଋଣ କରିଥିଲେ ମାତ୍ର ସେ ତାହା ଫେରାଇ ପାରିଲେ ନାହିଁ । ମହାଜନ ବିଧବାର ଦୁଇ ସନ୍ତାନଙ୍କୁ ଆପଣାର ଦାସ କରିବା ନିମନ୍ତେ ନେବାକୁ ଆସିଲେ । ଯାଅ, ବାହାରୁ ଆପଣାର ସମସ୍ତ ପ୍ରତିବାସି ମାନଙ୍କଠାରୁ ଶୁନ୍ୟ ପାତ୍ର ଆଣ, ଇଲିଶାୟ କହିଲେ । ସଦାପ୍ରଭୁ ସେହି ସ୍ତ୍ରୀ ଙ୍କ ନିମନ୍ତେ କିଛି ଆଶ୍ଚର୍ଯ୍ୟଜନକ କରିବାକୁ ଯାଉଛନ୍ତି ।

7

ସେହି ବିଧବାର ଘରେ ତାହା ପାଖରେ ଏକ ପାତ୍ର ତୈଳ ଛଡ଼ା ଆଉ କିଛି ନଥିଲା । କିନ୍ତୁ ସେ ସେହି ଛୋଟ ପାତ୍ରରୁ ବାହାରୁ ଆଣିଥିବା ସମସ୍ତ ପାତ୍ରରେ ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ତୈଳ ଆଜାଡ଼ିଲା । ଯଦି ସେହି ସମୟରେ ତାଙ୍କ ପାଖରେ ଗାଧୋଇବାକୁ ବ୍ୟବହୃତ ପାତ୍ର ଥାଆନ୍ତା, ସଦାପ୍ରଭୁ କି ତାହା ମଧ୍ୟ ପୂର୍ଣ୍ଣ କରିଥାନ୍ତେ? ତୁମେ କଅଣ ଭାବ? ସେହି ବିଧବା ତୈଳ ବିକ୍ରୟ କରି ନିଜ ସନ୍ତାନ ମାନଙ୍କୁ ଉଦ୍ଧାର କଲା ।



8

ଅନ୍ୟ ଏକ ସ୍ତ୍ରୀ ତାଙ୍କ ସ୍ୱାମିଙ୍କ ସହିତ ମିଶି ନିଜ ଗୃହରେ ଏକ ସାନ କୋଠରି ନିର୍ମାଣ କଲେ ଯେପରି ଇଲିଶାୟ ସେହି ନିକଟଦେଇ ଗତାୟତ କରିବାବେଳେ ସେଠାରେ ରହିବେ । ସେହି କୋଠରିରେ ସେମାନେ ଗୋଟିଏ ଖଟ, ଏକ ମେଜ ଓ ଆସନ ଓ ଦୀପରୁଖା ରଖିଲେ । ସେହ କୋଠରିଟି ସର୍ବଦା ଇଲିଶାୟ ନିମନ୍ତେ ଆରକ୍ଷିତ ଥିଲା ।



9

ଇଲିଶାୟ ସେମାନଙ୍କ କାର୍ଯ୍ୟ ନିମନ୍ତେ ସେମାନଙ୍କୁ କିପରି ଅର୍ଥ ଫେରସ୍ତ କରିବେ ତାହା ଭାବି ବିସ୍ମିତ ହେଲେ । ଯେତେବେଳେ ସେ ଜାଣିଲେ ସେମାନଙ୍କର ସନ୍ତାନ ନାହିଁ, ସେ ତାହାକୁ କିଛି କହିଲେ ଯାହା ବିଶ୍ୱାସ କରିବାକୁ ତାହାକୁ କଷ୍ଟ ହେଲା । ଏହି ଋତୁ ପୁନର୍ବାର ଉପସ୍ଥିତ ହେବା ସମୟରେ ତୁମ୍ଭେ ପୁତ୍ରକୁ କୋଳ କରିବ । ତାଙ୍କ କଥା ପ୍ରକାରେ, ଏକ ବର୍ଷ ପରେ ତାହର ଏକ ପୁତ୍ର ଜନ୍ମ ହେଲା ।



10

କେତେକ ବର୍ଷ ପରେ ଶସ୍ୟ ଛେଦନ ସମୟରେ ସେହି ବାଳକ ନିଜ ପିତାଙ୍କ ସହିତ ଜମିରେ ଥିଲା । ସେ ଆପଣା ପିତାଙ୍କୁ କହିଲା, ମୋ ମୁଣ୍ଡ, ମୋ ମୁଣ୍ଡ । ଯେତେବେଳେ ସେମାନେ ସେହି ବାଳକକୁ ତାଙ୍କ ମାତାଙ୍କୁ ଦେଲେ ସେ ତାଙ୍କ ମାତାଙ୍କ କୋଳରେ ମଧ୍ୟାହ୍ନ ପର୍ଯ୍ୟନ୍ତ ବସିଲେ ତାହା ପରେ ମରିଗଲା । ତାହାର ମାତା ତାର ମୃତ ଶରିରକୁ ଇଲିଶାୟଙ୍କ ଖଟରେ ଶୁଆଇଲା । ତୁମେ କଅଣ ଭାବ କିଏ ତାହାକୁ ସାହାଯ୍ୟ କରିପାରିବେ?



11

ତୁମେ କଅଣ ଇଲିଶାୟ କହିଲ କ? ହଁ ତାହା ସତ୍ୟ? ସେ ନଜର ଗର୍ଧଭ ନେଇ ତାହାର ଅନ୍ୱେଷଣ କରିବାକୁ ଗଲେ । ଇଲିଶାୟ ତାହାର ଗୃହକୁ ଆସିଲେ, ଓ ଉପର କୋଠରିକୁ ଯାଇ ସଦାପ୍ରଭୁଙ୍କୁ ପ୍ରାର୍ଥନା କଲେ । ସଦାପ୍ରଭୁ ସେହି ବାଳକକୁ ପୁନର୍ବାର ଜୀବୀତ କଲେ । ଇଲିଶାୟ ସେହି ସ୍ତ୍ରୀ କୁ ଡାକି କହିଲେ, ତୁମ୍ଭ ପୁତ୍ରକୁ ନିଅ । ସେ କେତେ ଖୁସି ହୋଇଥିବେ !



12



ନିକଟରେ, ଅରାମିୟ ଦେଶରେ ନାମାନ୍ ନାମକ ଲୋକ ବାସ କରୁଥିଲେ, ସେ ଏକ ସେନାପତି ଥିଲେ । ସେ ମହାବିକ୍ରମଶାଳୀ ଲୋକ ଥିଲା, ମତ୍ର ସେ କୁଷ୍ଠରୋଗୀ ଥିଲା ।

13

ନାମାନଙ୍କ ସ୍ତ୍ରୀଙ୍କୁ ଏକ ବାଳିକା ସେବା କରୁଥିଲା ଯାହାକୁ ସେମାନେ ଇସ୍ରାଏଲ୍ ଦେଶରୁ ବନ୍ଦି କରି ଆଣିଥିଲେ । ସେହି କ୍ଷୁଦ୍ର ବାଳିକା କହିଲା, ଯଦି କେବଳ ମୋ ପ୍ରଭୁ ଶମରିୟାରେ ଥିବା ଭବିଷ୍ୟଦବକ୍ତାଙ୍କ ସହିତ ଥାଆନ୍ତେ ତେବେ ତାଙ୍କୁ ସେହି କୁଷ୍ଠ ରୋଗରୁ ମୁକ୍ତ କରନ୍ତେ ।



14

ନାମାନ୍ ସେହି ଭବିଷ୍ୟଦବକ୍ତାଙ୍କୁ ଦେଖା କରିବାକୁ ପ୍ରସ୍ଥାନ କଲେ । ସେ ତାଙ୍କ ସହିତ ରୁପା, ସୁନା, ଏବଂ ସୁନ୍ଦର ବସ୍ତ୍ର ଉପହାର ସଦୃଶ୍ୟରେ ନେଲେ ।



15

ଇଲିଶାୟଙ୍କର ଦାସ ବାହରକୁ ଆସି କହିଲେ, ତୁମ୍ଭେ ଯାଇ ଯର୍ଦ୍ଦନରେ ସାତ ଥର ସ୍ନାନ କର, ତହିଁରେ ତୁମ୍ଭେ ଶୁଚି ହେବ । ମାତ୍ର ନାମାନ୍ କ୍ରୁଦ୍ଧ ହୋଇ ଚ଼ଲିଗଲେ । ଦମ୍ମେଶକରେ କି ଉତ୍ତମ ନଦୀ ନାହିଁ, ଆବାନା ଓ ପର୍ପର ନଦୀରେ, ମୁଁ କି ତହିଁରେ ସ୍ନାନ କରି ଶୁଚି ହୋଇ ନ ପାରନ୍ତି, ଏଣୁ ସେ ଫେରି କ୍ରୋଧରେ ଚ଼ାଲିଗଲା ।



16



ନାମାନ୍ ଭାଗ୍ୟଶାଳୀ ଥିଲେ ଯେ ତାଙ୍କର ଦାସମାନେ ତାଙ୍କସହିତ କଥା ହୋଇ ଇଲିଶାୟଙ୍କ ଆଜ୍ଞା ମାନିବାକୁ କହିଲେ ।

ତେହୁଁ ନାମାନ୍ ପରମେଶ୍ୱରଙ୍କ ଲୋକଙ୍କ ବାକ୍ୟାନୁସାରେ ଯାଇ ଯର୍ଦ୍ଦନରେ ଆପଣାକୁ ସାତଥର ବୁଡ଼ାଇଲା । ନାମାନ୍ ସେହି କୁଷ୍ଠରୋଗରୁ ଶୁଚି ହେଲା । ଏବଂ ସେ ସତ୍ୟ ପରମେଶ୍ୱରଙ୍କୁ ଉପାସନା କଲେ, ଇଲିଶାୟଙ୍କ ପରମେଶ୍ୱର, ସଦାପ୍ରଭୁ ଯେ ତାହାକୁ କୁଷ୍ଠରୋଗରୁ ସୁସ୍ଥ କଲେ ।

17



ସଦାପ୍ରଭୁ ତାଙ୍କ ଦାସ ଇଲିଶାୟଙ୍କୁ ତାଙ୍କ ମୃତୁପରେ ମଧ୍ୟ ତାଙ୍କୁ ବ୍ୟବହାର କଲେ । ଦିନକରେ, ଜଣେ ଲୋକ ଏକ ଗୁହାରେ କବର କରାଯାଇଥିଲେ ଯେଉଁଠାରେ କି ଅନେକ ଆଗରେ ଇଲିଶାୟଙ୍କ ଶରୀରକୁ ମଧ୍ୟ କବର ଦିଆଯାଇଥିଲା । ଯେତେବେଳେ ସେହିଲୋକର ମୃତ ଶରୀର ଇଲିଶାୟଙ୍କ ହାଡ଼ ସ୍ପର୍ଶ କଲା, ସେହି ଲୋକ ପୁଣି ବଞ୍ଚିଲା ଓ ଛିଡ଼ାହେଲା । ସତ୍ୟରେ ସଦାପ୍ରଭୁ ତାଙ୍କର ବିଶ୍ୱସ୍ଥ ଦାସ ଇଲିଶାୟଙ୍କ ଦ୍ୱାରା ନିଜର ମହାଶକ୍ତି ପ୍ରଦର୍ଶନ କଲେ ।

18

ଏଲିଶାୟ, ଚ଼ମତ୍କାରୀ ପୁରୁଷ

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ଦ୍ୱିତୀୟ ରାଜାବଳି ୨-୧୩

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।

ଇଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।

ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚ଼ାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଇଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚ଼ିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।